ODISHA PRINTING MUSEUM

# ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟ

## *ଭାରତର ଏକ ମାତ୍ର ମୁଦ୍ରଣ ସଂଗ୍ରହାଳୟ*

### *(ଓଡ଼ିଆ ଭାଷା ଓ ଲିପିର ପ୍ରଚାର ଓ ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଓଡ଼ିଆ ମୁଦ୍ରଣ ଶିଳ୍ପର କିଛି ଅବଦାନକୁ ସଂରକ୍ଷିତ ରଖିବାର ଏକ ପ୍ରୟାସ..)*

ଓଡ଼ିଶାରେ ମୁଦ୍ରଣ ଶିଳ୍ପର ଇତିହାସ ଏବଂ ପରମ୍ପରା ବହୁ ପ୍ରାଚୀନ ଓ ସମୃଦ୍ଧ ଯାହାର ଭୂମିକା ଓଡ଼ିଆ ଭାଷାର ପ୍ରଚାର ଏବଂ ପ୍ରସାର ନିମନ୍ତେ ଅତୁଳନୀୟ । ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଗାଥା ଓ କୀର୍ତ୍ତି ବିତରଣ କରିବା ସହିତ ଓଡ଼ିଆ ଭାଷା ଓ ଲିପିର ପ୍ରଚାର ଏବଂ ପ୍ରସାରରେ ଓଡ଼ିଶାର ମୁଦ୍ରଣ ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ହାତଖଞ୍ଜା ଅକ୍ଷରରୁ ଆରମ୍ଭ ହୋଇଥିବା ଓଡ଼ିଶାର ମୁଦ୍ରଣ ଶିଳ୍ପ ଏବେ କମ୍ପ୍ୟୁଟରୀକରଣ ମୁଦ୍ରଣ ଶିଳ୍ପରେ ପହଞ୍ଚିଛି । ଏହି ପୁରାତନ ମୁଦ୍ରଣ ଶିଳ୍ପକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୧୪ ମସିହାରେ ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟର ସ୍ଥାପନ କରାଯାଇଅଛି । ଏହି ସଂଗ୍ରହାଳୟରେ ୫୦ଟି ପୁରାତନ ମୁଦ୍ରଣ ଯନ୍ତ୍ରପାତିକୁ ପ୍ରଦର୍ଶିତ କରାଯାଇଅଛି ଯେଉଁଥିରେ ଇଂରାଜୀ ଭାଷା ସହିତ ଓଡ଼ିଆ ଭାଷାରେ ମୁଦ୍ରଣ କରାଯାଉଥିଲା । ସଂଗ୍ରହାଳୟରେ ପ୍ରଦର୍ଶିତ ମୁଦ୍ରଣ ଯନ୍ତ୍ରପାତି ମଧ୍ୟରୁ ୧୯୧୩ ମସିହାରେ ଅବିଭାଜିତ ଓଡ଼ିଶା-ବିହାର ରାଜ୍ୟର ବଲାଙ୍ଗୀର(ପାଟନା ଷ୍ଟେଟ୍) ରାଜାଙ୍କ ଦ୍ୱାରା ବ୍ୟବହୃତ ମୁଦ୍ରଣ ଯନ୍ତ୍ର ଏବଂ ୧୯୩୪ରେ କେନ୍ଦୁଝର ରାଜାଙ୍କ ଦ୍ୱାରା ବ୍ୟବହୃତ ମୁଦ୍ରଣ ଯନ୍ତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ।

**ଅବସ୍ଥିତି :-**

ଐତିହାସିକ କଟକ ସହରର କାଠ ଯୋଡି ନଦୀ କୂଳରେ ଏବଂ ୧୬ ନମ୍ବର ଜାତୀୟ ରାଜପଥର ପୂର୍ବ ଦିଗରେ ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟଟି ସ୍ଥାପିତ । ଏହା କଟକସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟର ପରିସର ମଧ୍ୟରେ କାର୍ଯ୍ୟ କରୁଅଛି ।

**ପ୍ରଦର୍ଶିତ ବସ୍ତୁ :-**

ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟରେ ପଚାଶ ଗୋଟି ପୁରାତନ ଏବଂ ପ୍ରାଚୀନ ମୁଦ୍ରଣ ଓ ସମବର୍ଗୀ/ଆନୁଷଙ୍ଗିକ ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଅଛି । ଉକ୍ତ ସଂଗ୍ରହାଳୟକୁ ସମୁଦାୟ ଆଠଗୋଟି ଗ୍ୟାଲେରିରେ ବିଭକ୍ତି କରାଯାଇଛି ଯଥା :- କମ୍ପୋଜିଙ୍ଗ ଗ୍ୟାଲେରି, ଲେଟର ପ୍ରେସ୍ ମୁଦ୍ରଣ ଗ୍ୟାଲେରି, ପ୍ରି-ପ୍ରେସ୍ ଗ୍ୟାଲେରି, ଅଫସେଟ୍ ମୁଦ୍ରଣ ଗ୍ୟାଲେରି, ବନ୍ଧେଇ ଗ୍ୟାଲେରି, କାର୍ମଶାଳା ବା ୱାର୍କସପ୍ ଗ୍ୟାଲେରି, ଆଧୁନିକ ଓ ବିକଶିତ ଯନ୍ତ୍ରପାତି ଗ୍ୟାଲେରି ଏବଂ ପେପର ଗ୍ୟାଲେରି । ମୁଖ୍ୟତଃ, ଏଠାରେ ପ୍ରଦର୍ଶିତ ଯନ୍ତ୍ରପାତି ଗୁଡ଼ିକ ଓଡ଼ିଶା ସରକାରୀ ମୁଦ୍ରଣାଳୟ ଏବଂ ଏହାର ଶାଖା ମୁଦ୍ରଣାଳୟ ମାନଙ୍କରୁ ସଂଗ୍ରହ କରାଯାଇଅଛି । ଏତଦ୍ ବ୍ୟତୀତ, ମୁଦ୍ରଣର ଶ୍ରେଣୀ ବିଭାଗ ଏବଂ ଏହାର କ୍ରମନ୍ୱୟ ବିକାଶ ସଂବନ୍ଧରେ ଅନେକ ଗୁଡିଏ ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ସଂଗ୍ରହ କରି, ପରିଦର୍ଶକ ଏବଂ ଗବେଷକ ମାନଙ୍କ ନିମନ୍ତେ ପ୍ରଦର୍ଶନ କରାଯାଇଅଛି ।

**ସଂଗ୍ରହାଳୟ ଖୋଲିବା ସମୟ:-**

ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସ

ସମୟ ସକାଳ ୧୦. ୦୦ ଠାରୁ ଅପରାହ୍ନ ୫.୦୦ ପର୍ଯ୍ୟନ୍ତ

---

*ମୁଦ୍ରଣ, ଲିଖନ ସାମଗ୍ରୀ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ, ମଧୁପାଟଣା, କଟକ*

*ବାଣିଜ୍ୟ ଏବଂ ପରିବହନ (ବାଣିଜ୍ୟ) ବିଭାଗ, ଓଡ଼ିଶା*